# Sambalpur Municipal Corporation
# Sambalpur (Odisha)

Email Id : Sambalpurm.hud@nic.in
Phone No. 0663-2411012


No. 8471 Date: 25/09/23

## Expression of Interest

## ମିଶକ୍ତି ଗୋଷ୍ଠୀ ଦ୍ୱାରା ସମ୍ବଲପୁର ମହାନଗର ନିଗମରେ ଥିବା ପାର୍କ ଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣ ସମ୍ବନ୍ଧେ

ସମ୍ବଲପୁର ମହାନଗର ନିଗମରେ ଥିବା ନିମ୍ନଲିଖିତ ପାର୍କର ପରିଚାଳନା ଓ ରକ୍ଷଣା ବେକ୍ଷଣ ଦାୟିତ୍ୱ ସେହି ୱାର୍ଡରେ ଥିବା ମିଶନ ଶକ୍ତି ଗୋଷ୍ଠୀମାନଙ୍କୁ ହସ୍ତାନ୍ତର କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ପାର୍କର ବର୍ଣନା ନିମ୍ନମତେ ପ୍ରଦାନ କରାଯାଉଛି :-

| କ୍ରମିକ ସଂଖ୍ୟା | ପାର୍କର ନାମ | ୱାର୍ଡ ନମ୍ବର |
|---|---|---|
| ୧ | ପୁରୁଣା RTO ଅଫିସ ସାମ୍ନା ଓ SP ଅଫିସ ନିକଟ | ୩୨ |
| ୨ | ନେଲସନ ମାଣ୍ଡେଲା ଛକ ପାର୍କ | ୩୨ |
| ୩ | ଶ୍ରୀ ରାମ ବିହାର ପାର୍କ | ୦୩ |
| ୪ | ନରସିଂହ ଗୁରୁ ପାର୍କ | ୧୫ |

ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଏ ବାବଦରେ **୩୦-୦୯-୨୦୨୩** ସୁଦ୍ଧା ସମ୍ବଲପୁର ମହାନଗର ନିଗମ, ଦୁର୍ଗାପାଲି କାର୍ଯ୍ୟାଳୟରେ ନିମ୍ନ ମତେ ଥିବା ଫର୍ମରେ ଆବେଦନ କରି ପାରିବେ |

### ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା

- ମିଶନ ଶକ୍ତି ଗୋଷ୍ଠୀ ନିଜ ୱାର୍ଡ଼ରୁ ହୋଇଥିଲେ ତାଙ୍କ ଆବେଦନକୁ ଅଗ୍ରାଧିକାର ଦିଆଯିବ | ଯଦି କୋଣସି କାରଣ ପାଇଁ ନିଜ ୱାର୍ଡ଼ରୁ ଆବଶ୍ୟକ ସଂଖ୍ୟା ଅନୁଯାୟୀ ଗୋଷ୍ଠୀ ଚୟନ ହୋଇପାରେନାହିଁ, ସେ ସମୟରେ ପାଖ ୱାର୍ଡ଼ର ମିଶନ ଶକ୍ତି ଗୋଷ୍ଠୀଙ୍କ ଆବେଦନ ଉପରେ ବିଚାର କରାଯିବ |
- ମିଶନ ଶକ୍ତି ଗୋଷ୍ଠୀ ଆବେଦନ ପତ୍ର ଦେବା ସମୟରେ ଅତିକମରେ ଏକ ବର୍ଷ ପୂର୍ବରୁ ଗଠନ ହୋଇଥିବା ଦରକାର |
- ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ ପଞ୍ଚସୂତ୍ରକୁ ପ୍ରତିବଦ୍ଧତା ସହିତ ପାଳନ କରୁଥିବେ |
- ମିଶନ ଶକ୍ତି ଗୋଷ୍ଠୀର ପରିଚାଳନା ସମୟର ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀର କୌଣସି ଆର୍ଥିକ ଅନିୟମିତତା, ଯେପରିକି NPA ଘୋଷିତ ଋଣ ଇତ୍ୟାଦି ହୋଇନଥିବ |
- ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ ବର୍ତମାନ କିମ୍ବା ଅତୀତରେ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ହୋଇନଥିବେ |
- ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡ ଥିବା ଆବଶ୍ୟକ |

### ଆବେଦନ ଫର୍ମ ସହିତ ନିମ୍ନଲିଖିତ କାଗଜ ସଂଲଗ୍ନ କରିବେ :

- ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରେଜୋଲୁସନର ନକଲ |
- ମିଶନ ଶକ୍ତି ଗୋଷ୍ଠୀ ଅନ୍ୟୁନ୍ୟ ୧ ବର୍ଷ ପୁରୁଣା ହୋଇଥିବା ଆବଶ୍ୟକ |
- ମିଶନ ଶକ୍ତି ଗୋଷ୍ଠୀ କୌଣସି ଋଣ ଖିଲାପ କରିନଥିବେ ବୋଲି ଏକ ଲିଖିତ ଘୋଷଣାନାମା ଦାଖଲ କରିବେ।

- ଆୟ ଉତ୍ପାଦନ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିବାର ପ୍ରମାଣ ପତ୍ର କିମ୍ବା ରେଜୋଲୁସନର ନକଲ ।
- ମିଶନ ଶକ୍ତି ଗୋଷ୍ଠୀର ପାସ୍‌ବୁକର ପ୍ରଥମ ପୃଷ୍ଠା ଓ ଅପଡ଼େଟେଡ ପୃଷ୍ଠାର ନକଲ, ଯେଉଁଥିରେ ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବାର ପ୍ରମାଣ ଥିବ ।
- ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡର ନକଲ
- ମିଶନ ଶକ୍ତି ଗୋଷ୍ଠୀ ପୂର୍ବରୁ ମୁକ୍ତା ଓ ଅନ୍ୟ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରିଥିଲେ କାର୍ଯ୍ୟାଦେଶ ପତ୍ରର ନକଲ ସଂଲଗ୍ନ କରିବେ।
- ମିଶନ ଶକ୍ତି ଗୋଷ୍ଠୀ ୧ ବର୍ଷରେ ୪୦ ଲକ୍ଷରୁ ଅଧିକ ସରକାରୀ କାମ ପାଇନଥିବେ ବା କରିନଥିବାର ଘୋଷଣାନାମା ଦାଖଲ କରିବେ।
- ମିଶନ ଶକ୍ତି ଗୋଷ୍ଠୀ କୌଣସି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ନଥିବେ।

ଏ ବିଷୟରେ ଅତିରିକ୍ତ ସୂଚନା ସମ୍ବଲପୁର ମହାନଗର ନିଗମ ୱେବସାଇଟ www.smcsambalpur.nic.in ରେ ଉପଲବ୍ଧ ଅଛି ।

**ସଂଲଗ୍ନକ:** ମିଶନ ଶକ୍ତି ଗୋଷ୍ଠୀ ପାଇଁ ଆବେଦନ ଫର୍ମ

ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ

Memo No. 8472 Date 25/07/2023

Copy to be displayed at SMC website and notice board, Collectorate notice board and to be made available at ward offices for public information.

Commissioner
Sambalpur Municipal Corporation

* ଗୋଷ୍ଠୀ ମୋହର ସହିତ

# ମିଶନ ଶକ୍ତି ଗୋଷ୍ଠୀ ପାଇଁ "ପାର୍କ ରକ୍ଷଣା ବେକ୍ଷଣ "ପାଇଁ ଆବେଦନ ଫର୍ମ

| କ୍ର. ସଂଖ୍ୟା | | ବିବରଣୀ |
|---|---|---|
| ୧ | ମିଶନ ଶକ୍ତି ଗୋଷ୍ଠୀର ନାମ | |
| ୨ | ୱାର୍ଡ଼ ସଂଖ୍ୟା | |
| ୩ | ଠିକଣା | |
| ୪ | ଗୋଷ୍ଠୀ ଗଠନ ତାରିଖ | |
| ୫ | ଗୋଷ୍ଠୀ ସଦସ୍ୟ ସଂଖ୍ୟା | |
| ୬ | ସଭାନେତ୍ରୀଙ୍କ ନାମ | |
| ୭ | ସଭାନେତ୍ରୀଙ୍କ ଫୋନ ନମ୍ବର | |
| ୮ | ସେକ୍ରେଟେରୀଙ୍କ ନାମ | |
| ୯ | ସେକ୍ରେଟେରୀଙ୍କ ଫୋନ ନମ୍ବର | |
| ୧୦ | ଶ୍ରେଣୀକରଣ (Gradation) ହୋଇଛି? (ହଁ/ ନାହିଁ) | |
| ୧୧ | କେଉଁ ବ୍ୟାଙ୍କରେ ଆକାଉଣ୍ଟ ଖୋଲା ହୋଇଛି? | |
| ୧୨ | ବ୍ରାଞ୍ଚ | |
| ୧୩ | ଆକାଉଣ୍ଟ ସଂଖ୍ୟା | |
| ୧୪ | ମିଶନ ଶକ୍ତି ଗୋଷ୍ଠୀର PAN କାର୍ଡ ସଂଖ୍ୟା | |
| ୧୫ | RF/Seed ପାଇଛନ୍ତି? (ହଁ/ନାହିଁ ) | |
| ୧୬ | ଗୋଷ୍ଠୀର ପୂର୍ବ କାର୍ଯ୍ୟକଳାପ | |
| ୧୭ | ପାସ ବୁକ ନିୟମିତ ଭାବରେ ସଂଚାଳନ ହେଉଛି କି ? | |
| ୧୮ | ମିଶନ ଶକ୍ତି ଗୋଷ୍ଠୀ ପରିଚାଳନା ଆରମ୍ଭ ସମୟରୁ କେତେ ଟଙ୍କା ଋଣ ନେଇଛନ୍ତି ? | |
| ୧୯ | ଅତୀତ କିଂବା ବର୍ତମାନରେ କୌଣସି ଅସମାଜିକ କାର୍ଯ୍ୟକଳାପରେ ଜଡ଼ିତ ହୋଇଛନ୍ତି କି ? | |
| ୨୦ | କେଉଁ ପାର୍କ ନେବାକୁ ଇଚ୍ଛୁକ ? | |

ସେକ୍ରେଟେରୀଙ୍କ ସ୍ୱାକ୍ଷର
(ମୋହର ସହିତ)

ସଭାନେତ୍ରୀଙ୍କ ସ୍ୱାକ୍ଷର
(ମୋହର ସହିତ)

**ସଂଲଗ୍ନ (ଯେଉଁ କାଗଜ ସଂଲଗ୍ନ କରିଛନ୍ତି ଟିକ ( √ ) କରନ୍ତୁ):**

- ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରେଜୋଲୁସନର ନକଲ |
- ମିଶନ ଶକ୍ତି ଗୋଷ୍ଠୀର ଗ୍ରେଡ଼େସନର ନକଲ |
- ଆୟ ଉତ୍ପାଦନ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିବାର ପ୍ରମାଣ ପତ୍ର କିମ୍ବା ରେଜୋଲୁସନର ନକଲ |
- ମିଶନ ଶକ୍ତି ଗୋଷ୍ଠୀର ପାସ୍‌ବୁକର ପ୍ରଥମ ପୃଷ୍ଠା ଓ ଅପଡ଼େଟେଡ ପୃଷ୍ଠାର ନକଲ, ଯେଉଁଥିରେ ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବାର ପ୍ରମାଣ ଥିବ |
- ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡର ନକଲ
- ମିଶନ ଶକ୍ତି ଗୋଷ୍ଠୀ ପୂର୍ବରୁ ମୁକ୍ତା ଓ ଅନ୍ୟ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରିଥିଲେ କାର୍ଯ୍ୟାଦେଶ ପତ୍ରର ନକଲ ସଂଲଗ୍ନ କରିବେ।
- ସମସ୍ତ ଡକୁମେଣ୍ଟ କୁ ବନ୍ଦ ଲଫାଫାରେ ଆବେଦନ କରିବା ହେବେ।